# ଜଗନ୍ନାଥ ସଂସ୍କୃତି



ହିନ୍ଦୁମାନଙ୍କ ଧର୍ମୀୟ ପରମ୍ପରାରେ ସବୁଠାରୁ ପ୍ରାଚୀନ ଓ ସର୍ବାଧିକ ପୂଜିତ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ପୁରାଣକଳ୍ପ, କିମ୍ବଦନ୍ତୀ ଓ ଇତିହାସ ଏକ ମହାନ ମିଶ୍ରିତ ସଂସ୍କୃତିରେ ରୂପାନ୍ତରିତ ହୋଇଛନ୍ତି । ପ୍ରଭୁଙ୍କ ଆବିର୍ଭାବ ଓ ବିବର୍ତ୍ତନର ସବିଶେଷ ତଥ୍ୟ ରହସ୍ୟ ଘେରରେ ଥିଲେ ମଧ୍ୟ ପୁରାଣ ତଥା ପ୍ରାଚୀନ ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ମହିମା ସଂପର୍କରେ ବର୍ଣ୍ଣିତ ଅଛି । କିମ୍ବଦନ୍ତୀ କହେ କି, ଶ୍ରୀଜଗନ୍ନାଥ ମୂଳତଃ ଶବର ଜାତିର ଆଦିମ ଅଧିବାସୀଙ୍କ ଦ୍ୱାରା ପୂଜିତ ହେଉଥିଲେ । ଏହି ବିଶ୍ୱାସର ଅତି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ରୂପେ ଗୋଟିଏ ବର୍ଗର ସେବକଙ୍କ ଅବସ୍ଥିତି ଅଛି ଯେଉଁମାନଙ୍କୁ ଦଇତା ଭାବେ ସମ୍ବୋଧନ କରାଯାଏ । ସେମାନଙ୍କୁ ଆଦିବାସୀ ବଂଶର ବୋଲି ଗଣାଯାଏ ଏବଂ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ସେବାରେ ସେମାନଙ୍କର ମୁଖ୍ୟ ଭୂମିକା ଅଦ୍ୟାବଧି ପରିଦୃଷ୍ଟ ହୋଇଥାଏ ।

ସମୟାନୁକ୍ରମେ ଜଗନ୍ନାଥ ସଂସ୍କୃତି ଆର୍ଯ୍ୟ ସଂସ୍କୃତିର ରୂପ ନେଲା । ଶୈବ, ଶାକ୍ତ, ବୈଷ୍ଣବ, ଜୈନ ଓ ବୌଦ୍ଧ ପ୍ରମୁଖ ଧର୍ମବିଶ୍ୱାସ ଶ୍ରୀଜଗନ୍ନାଥ ସଂସ୍କୃତିରେ ମିଶି ଗୋଟିଏ ଦର୍ଶନ ରୂପେ ବିଭିନ୍ନତାରେ ଏକତାର ପ୍ରତୀକ ହେଲା ।

କେତେକ ଗବେଷକ ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଜୈନ ତ୍ରିମୂର୍ତ୍ତିର ସମ୍ୟକ ଜ୍ଞାନ, ସମ୍ୟକ ଚରିତ୍ର ଓ ସମ୍ୟକ ଦୃଷ୍ଟି ରୂପେ ଅଭିହିତ କରିଥାନ୍ତି । ଅନ୍ୟ କେତେକ ଏହି ତ୍ରିମୂର୍ତ୍ତିଙ୍କୁ ବୌଦ୍ଧ ଧର୍ମର ବୁଦ୍ଧ, ଧର୍ମ ଓ ସଂଘ ରୂପେ ବିଚାର କରନ୍ତି । ଏହା ମଧ୍ୟ ବିଶ୍ୱାସ କରାଯାଏ କି, ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ମଧ୍ୟରେ ଗୁପ୍ତରେ ସ୍ଥାପିତ ରହସ୍ୟମୟ ପଦାର୍ଥଟି ହେଉଛି ପ୍ରଭୁ ଗୌତମ ବୁଦ୍ଧଙ୍କ ଦନ୍ତର ଅଂଶବିଶେଷ । ତନ୍ତ୍ର ଦର୍ଶନ, ଯାହା ସମୟକ୍ରମେ ବୌଦ୍ଧ ଧର୍ମର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଥିଲା ତାହା ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ରୀତିନୀତିରେ ଉଲ୍ଲେଖନୀୟ ପ୍ରଭାବ ପକାଇଥିଲା ।

ଏଣୁ ଶ୍ରୀଜଗନ୍ନାଥ ଦର୍ଶନ ସମସ୍ତ ସଂଜ୍ଞାକୁ ଅତିକ୍ରମ କରି ସମସ୍ତ ବର୍ଗ ଓ ଜାତିର ବିଶ୍ୱାସ ମଧ୍ୟରେ ଏକତାର ଅନୁଭବ ଆଣିଥିବା ସାମଗ୍ରିକ ଚେତନା ଅଟେ ।

# ପୁରୀ

ପୁରୀ ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ, ଭାରତର ଚାରି ଧାମ ମଧ୍ୟରୁ ଅନ୍ୟତମ ଏବଂ ପବିତ୍ର ସ୍ଥାନମାନଙ୍କ ମଧ୍ୟରେ ପବିତ୍ରତମ । ଏହା ବଙ୍ଗୋପସାଗର କୂଳରେ ଅବସ୍ଥିତ ଓ ଓଡିଶାର ରାଜଧାନୀ ଭୁବନେଶ୍ୱରଠାରୁ ୫୯ କି.ମି. ଦୂର । ପୁରୀ ଶତାବ୍ଦୀ ଶତାବ୍ଦୀ ଧରି ହିନ୍ଦୁ ପୂଜା ପଦ୍ଧତିର ମୁଖ୍ୟ କେନ୍ଦ୍ର ହୋଇଆସିଛି ଏବଂ ଦେଶର ସର୍ବୋତ୍ତମ ପର୍ଯ୍ୟଟନ କ୍ଷେତ୍ର ରୂପେ ପରିଗଣିତ ହୋଇପାରିଛି ।

ପୁରାଣ ଏବଂ ଅନ୍ୟ କେତେକ ପୁରାତନ ସଂସ୍କୃତ ଗ୍ରନ୍ଥ ଏହି ପବିତ୍ର ନଗରୀକୁ ନୀଳାଚଳ, ନୀଳଗିରି, ନୀଳାଦ୍ରି ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର ତଥା ଶଙ୍ଖ କ୍ଷେତ୍ର ରୂପେ ଅଭିହିତ କରିଛନ୍ତି ।

ଶ୍ରୀକ୍ଷେତ୍ର ପୁରୀରେ ଯେ କେବଳ ଏହାର ମନ୍ଦିର ପବିତ୍ର ତା' ନୁହେଁ ବରଂ ଏହି ସହରକୁ ଘେରି ରହିଥିବା ପ୍ରତ୍ୟେକଟି ବସ୍ତୁକୁ ବଡ ଓ ସୁନ୍ଦର ରୂପେ ଗଣାଯାଏ । ଏଠାର ସମୁଦ୍ର ମହୋଦଧି ରୂପେ ପରିଚିତ । ଏହି ସହରର ମୁଖ୍ୟ ରାସ୍ତା ବଡ ଦାଣ୍ଡ ରୂପେ କଥିତ । ଶ୍ରୀଜଗନ୍ନାଥଙ୍କୁ ଅର୍ପିତ ଭୋଗ ମହାପ୍ରସାଦ ରୂପେ ଜଣାଶୁଣା । ଏଠାକାର ଶ୍ମଶାନସ୍ଥଳୀ ସ୍ୱର୍ଗଦ୍ୱାର ରୂପେ ପରିଗଣିତ ହୋଇଥାଏ ।

ପୁରୀ ସହରର କେନ୍ଦ୍ର ଭାଗରେ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ଅବସ୍ଥିତ ଏବଂ ଏହାର ଚତୁଃପାର୍ଶ୍ୱରେ ଅନେକ ଗଳି, ସାହି ଇତ୍ୟାଦି ଏକ ପଞ୍ଝା ଆକାରରେ ଏବଂ ବଡ ଦାଣ୍ଡଟି ପଞ୍ଝାର ହାତମୁଠା ଭଳି ପରିବ୍ୟାପ୍ତ । ଏହି ସହରର ପଶ୍ଚିମରେ ହରଚଣ୍ଡୀ ସାହି, ଦକ୍ଷିଣରେ ବାଲିସାହି, ଉତ୍ତରରେ ଦୋଳମଣ୍ଡପ ସାହି ଏବଂ ଚୁଡଙ୍ଗ ସାହି ଅବସ୍ଥିତ । ଶ୍ରୀମନ୍ଦିର ବ୍ୟତୀତ ପୁରୀରେ ଅସଂଖ୍ୟ କ୍ଷୁଦ୍ରାକୃତି ମନ୍ଦିର ଅଛି ଯେଉଁଥିରେ ଶିବ, କାଳୀ ଏବଂ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଏ । ଏତଦ୍‌ବ୍ୟତୀତ ଏଠାରେ ଅନେକ ଧାର୍ମିକ ଅନୁଷ୍ଠାନ ଓ ମଠ ମଧ୍ୟ ବିଦ୍ୟମାନ ।

ପୁରୀର ସ୍ୱାସ୍ଥ୍ୟକର ଜଳବାୟୁ ଓ ପରିବେଶ ବର୍ଷସାରା, ବିଶେଷତଃ ଗ୍ରୀଷ୍ମ ଋତୁରେ ସାରା ବିଶ୍ୱର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ବିଶ୍ୱର ଅତି ସୁନ୍ଦର ବେଳାଭୂମି ମଧ୍ୟରୁ ଏଠାରେ ଥିବା ବେଳାଭୂମି ଅନ୍ୟତମ । ପୁରୀ ସହର ଅସଂଖ୍ୟ କଳାକାର ଏବଂ ହସ୍ତଶିଳ୍ପୀଙ୍କ ବାସସ୍ଥାନ, ଯେଉଁମାନେ ଅନେକ ପ୍ରକାରର ବିରଳ ତଥା ଚିତ୍ତାକର୍ଷକ ହସ୍ତଶିଳ୍ପ ପ୍ରସ୍ତୁତ କରିଥାନ୍ତି ।

❖ ❖ ❖